# କାଳୀପୂଜା: ଉତ୍ସବମୁଖର ଭଦ୍ରକ ସହର


ଚରମ୍ପାସ୍ଥିତ ପଥରଆଡ଼ି ପୂଜା ମଣ୍ଡପରେ ନିର୍ମିତ ତୋରଣ।


ଷ୍ଟେଶନ ମଣ୍ଡପ।


ପିଡବ୍ଲୁଆଇ ପୂଜା ମଣ୍ଡପରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

**ଭଦ୍ରକ ଅଫିସ,୨୫।୧୦**

କାଳୀପୂଜା ପାଇଁ ଭଦ୍ରକ ସହର ଉତ୍ସବମୁଖର ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଛି। ଭଦ୍ରକ ଚରମ୍ପାଠାରେ ଜଣେ ଦକ୍ଷିଣ ଭାରତୀୟ ରେଳ କର୍ମଚାରୀଙ୍କ ଘରୋଇ ପୂଜା ଏବେ ଗଣପର୍ବର ରୂପ ନେଇଛି। ଚରମ୍ପାର ମୁଖ୍ୟ ପୂଜା କମିଟିଗୁଡ଼ିକ ଚଳିତବର୍ଷ ୯୯ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି। କରୋନା ଯୋଗୁ ଦୁଇବର୍ଷ ଧରି ନିରାଡ଼ମ୍ବରରେ ମା'ଙ୍କୁ ପୂଜା କରାଯାଇଥିଲା। ଚଳିତବର୍ଷ ବହୁ ଆଡ଼ମ୍ବରରେ ପୂଜାକୁ ନେଇ ଜିଲାବସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଦୀପାବଳିଠାରୁ ପୂଜା ଆରମ୍ଭ ହୋଇଛି। ଭଦ୍ରକ ସହର ରାଜଘାଟ ପୋଲ, ଚରମ୍ପା ବଜାରର ସ୍କୁଲରୋଡ୍ ପୂଜା କମିଟି ପକ୍ଷରୁ ଆର୍‌ସିବିଏଲ୍ ସ୍କୁଲ ପରିସର, ନବଗ୍ରହ ମନ୍ଦିର ରୋଡ୍ ଏରେଇଁ, ପିଡବ୍ଲ୍ୟୁଆଇ, ଡଗରାସାହି, ପଥରଆଡ଼ି କାଳୀପୂଜା କମିଟି, କାଉଡ଼ିଆ ସଂଘ କାଳୀପୂଜା କମିଟି ଆଦି ୯ ମଣ୍ଡପରେ ମା'ଙ୍କୁ ପୂଜା କରାଯାଉଛି। ପିଡବ୍ଲ୍ୟୁଆଇ, ପଥରଆଡ଼ି ମଣ୍ଡପରେ ସୁଉଚ୍ଚ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ୭ଦିନ ଧରି ଏହି ପୂଜା ଚାଲିବ।



ଚରମ୍ପା ବଜାର ସ୍କୁଲରୋଡ୍ ମଣ୍ଡପରେ ବୃଦ୍ଧାଶ୍ରମ ଉପରେ ସଚେତନତା ବାର୍ତ୍ତା ଦେଉଥିବା ବାଲୁଆଳି।

**ଆଲୋକମାଳାରେ ଝଲସୁଛି ଚରମ୍ପା ବଜାର**

ଡାହାଣୀଗଡ଼ିଆ ହିରୋ ଶୋ'ରୁମ୍‌ଠାରୁ ଦମକଳ ଅଫିସ ଓ ହାଇସ୍କୁଲରୋଡ୍‌ଠାରୁ ଚରମ୍ପା ରେଳଷ୍ଟେଶନ ରଙ୍ଗିନ ଆଲୋକମାଳାରେ ଝଲସୁଛି। ସେହିପରି ଷ୍ଟେଶନରୋଡ଼, ବିଶାଣିଖରିଦା, ନବଗ୍ରହ ମନ୍ଦିର ରୋଡ଼ ଏରେଇଁ, ଡଗରାସାହି, ପଥରଆଡ଼ି ବଜାରର ସମସ୍ତ ଗଳିକନ୍ଦି ଆଲୋକମାଳାରେ ସୌନ୍ଦର୍ଯ୍ୟମୟ ହୋଇଉଠିଛି।

**ସୂର୍ଯ୍ୟୋପରାଗ ଯୋଗୁ ଜମିଲାନି ଭିଡ଼**

ମଙ୍ଗଳବାର ପୂଜାର ଦ୍ୱିତୀୟ ଦିନ ସୂର୍ଯ୍ୟୋପରାଗ ଯୋଗୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳି ନ ଥିଲା। ବୁଧବାରଠାରୁ ସନ୍ଧ୍ୟାରେ ଭିଡ଼ ଜମିବ ବୋଲି ବ୍ୟବସାୟୀ ଓ ପୂଜା କମିଟି କର୍ମକର୍ତ୍ତା ଆଶାବ୍ୟକ୍ତ କରିଛନ୍ତି। ପାର୍ଶ୍ୱମୂର୍ତ୍ତି ସାଜସଜ୍ଜା ଓ ଆଲୋକସଜ୍ଜା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ବୁଧବାର ସକାଳ ସୁଦ୍ଧା ସାରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଶିଳ୍ପୀମାନଙ୍କ ଦ୍ୱାରା କାମ ଚାଲିଛି।

**ରାମଦୋଳି ସାଙ୍ଗକୁ ମଥୁରା କେକ୍**

କାଳୀପୂଜାରେ ମୀନାବଜାରରେ ଭଲ ଦୁଇ ପଇସା ରୋଜଗାର ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଏଠାରେ ପସରା ମେଲାଇଛନ୍ତି। ମେଳାରେ ବିଭିନ୍ନ ପ୍ରକାର ରାମଦୋଳି, ବ୍ରେକଡ୍ୟାନ୍ସ, ଟଏଟ୍ରେନ ସହ ପିଲାଙ୍କ ଚିଡ଼ିଆଖାନା, ଡ୍ରାଗନ ଆଦି ଲାଗିଛି। ସେହିପରି ଚାଟ୍, ଗୁପଚୁପ୍ ସାଙ୍ଗକୁ ମଥୁରା କେକ୍ ଓ ଗରମ ଜିଲାପୀ ଦୋକାନ ବହୁ ସଂଖ୍ୟାରେ ଚରମ୍ପା ବଜାରର ବିଭିନ୍ନ ପୂଜା ମଣ୍ଡପ ରାସ୍ତାରେ ଦୋକାନୀମାନେ ମେଲାଇ ବସିଛନ୍ତି।

**ବାଲୁଆଳିରେ ସଚେତନତା ବାର୍ତ୍ତା**

ସମ୍ପ୍ରତି ସମାଜରେ ପୁଅବୋହୂମାନଙ୍କ ଦ୍ୱାରା ବୃଦ୍ଧ ମା' ବାପା ନିର୍ଯାତିତ ହୋଇ ବୃଦ୍ଧାଶ୍ରମରେ ଦିନ କାଟୁଛନ୍ତି। ଏହି ଅତ୍ୟାଚାର ହାର କମାଇବା ପାଇଁ ସ୍କୁଲରୋଡ୍ ପୂଜା ମଣ୍ଡପରେ ବାଲୁଆଳି ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଛି। ସେହିପରି ପଥରଆଡ଼ି ପୂଜା ମଣ୍ଡପରେ ଋଷିଆ-ୟୁକ୍ରେନ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା ପାଇଁ ହୋଇଥିବା ଆଲୋଚନାର ଏକ ଦୃଶ୍ୟକୁ ପାର୍ଶ୍ୱମୂର୍ତ୍ତିରେ ପ୍ରଦର୍ଶିତ କରାଯାଇଛି।

**ସମ୍ବେଦନଶୀଳ ସ୍ଥାନ, ମଣ୍ଡପରେ ପୋଲିସ ଫୋର୍ସ ମୁତୟନ**

ପୂର୍ବରୁ କାଳୀପୂଜାରେ ଛିନ୍‌ତାଇ, ପକେଟ୍‌ମାର, ରୋଡ୍ ରୋମିଓମାନେ ସକ୍ରିୟ ରହିଥିବା ନଜିର ରହିଛି। କାଳୀପୂଜାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରି ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସ୍‌ପି ଚରଣ ସିଂ ମୀନାଙ୍କ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୧୦ ଇନ୍ସପେକ୍ଟର, ୫୭ ଏସ୍‌ଆଇ ଓ ଏଏସ୍‌ଆଇ, ୧୮ ପ୍ଲାଟୁନ ଫୋର୍ସ, ୫୦ ହୋମଗାର୍ଡ ନିୟୋଜିତ ଅଛନ୍ତି। ସମ୍ବେଦନଶୀଳ ସ୍ଥାନ ଓ ପ୍ରତ୍ୟେକ ପୂଜା ମଣ୍ଡପରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ମହାକାଳୀ ବେଶରେ ମା' ଭଦ୍ରକାଳୀ


ମା' ଭଦ୍ରକାଳୀ ମଙ୍ଗଳବାର ମହାକାଳୀ ବେଶରେ ଦର୍ଶନ ଦେଉଛନ୍ତି।

**ଭଦ୍ରକ ଅଫିସ,୨୫।୧୦**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ଦ୍ୱିତୀୟ ଦିନରେ ମଙ୍ଗଳବାର ମହାକାଳୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସୂର୍ଯ୍ୟପରାଗ ଥିବାରୁ ଭୋର ୪ଟା ୪୫ ପୂର୍ବରୁ ମା'ଙ୍କୁ ମହାକାଳୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶରେ ମା' ନାଲି ପାଟବସ୍ତ୍ର ପରିଧାନ କରିବା ସହ ମୁଖମଣ୍ଡଳ ଶ୍ୟାମଳ ବର୍ଣ୍ଣ ଥିଲା। ମା' ନିଜ କୋଳରେ ବାଳଗୋପାଳଙ୍କ ବିଗ୍ରହକୁ ଧାରଣ କରି ସ୍ନେହମୟୀ ଓ ମଙ୍ଗଳମୟୀର ପରିଚୟ ଦେଇଛନ୍ତି। ତେବେ ସୂର୍ଯ୍ୟପରାଗ ଥିବାରୁ ସମସ୍ତ ନୀତିକାନ୍ତି ବନ୍ଦ ରଖାଯାଇଛି। ପ୍ରକାଶ ଥାଉକି, ପ୍ରଥମଦିନ ସୋମବାର ମା' ଭଦ୍ରକାଳୀ ବେଦମାତା ବେଶରେ ଦର୍ଶନ ଦେଇଥିଲେ।

## ୨୭ରୁ ନବମ ଶ୍ରେଣୀ ଏସ୍‌ଏ-୧ ପରୀକ୍ଷା

**ବୈଶିଙ୍ଗା,୨୫।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳରେ ଚଳିତ ମାସ ୨୭ ତାରିଖଠାରୁ ପ୍ରଥମ ଥର ପାଇଁ ନବମ ଶ୍ରେଣୀ ନିମନ୍ତେ ବୋର୍ଡ ଦ୍ୱାରା ପରିଚାଳିତ ଏସ୍‌ଏ-୧ ପରୀକ୍ଷା ଆରମ୍ଭ ହେବ। ନୂତନ ବ୍ୟବସ୍ଥାରେ ପରିଚାଳିତ ହେବାକୁ ଥିବା ଏହି ପରୀକ୍ଷା ନଭେମ୍ବର ୨ ତାରିଖରେ ସରିବ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ସୂଚୀ ପ୍ରକାଶିତ ହୋଇଛି। ଏହା ବୋର୍ଡ ଦ୍ୱାରା ପରିଚାଳିତ ହେଉଥିବାରୁ ସମସ୍ତ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷାରେ ନିଶ୍ଚିତ ଭାବରେ ଅଂଶଗ୍ରହଣ କରିବାପାଇଁ ଜିଲା ଓଷ୍ଟା ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ ପରାମର୍ଶ ଦେଇଛନ୍ତି।

ପ୍ରଶ୍ନ ପତ୍ର ପରିଚାଳନା ପାଇଁ ବେତନଟୀ ସ୍ଥିତ ଏମ୍‌ପିସି ଉଚ୍ଚ ବିଦ୍ୟାଳୟ ଓ ବୈଶିଙ୍ଗା ସ୍ଥିତ ମୁନିଲାଲ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଚୟନ କରାଯାଇଛି। ବ୍ଲକରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଏହି ଦୁଇ ବିଦ୍ୟାଳୟରୁ ପ୍ରଶ୍ନ ପତ୍ର ପଠାଯିବ। ସେହିପରି ବ୍ଲକରେ ମୋଟ ୧୨ଟି ନିଉଟ୍ରାଲ ବିଦ୍ୟାଳୟ ଚିହ୍ନଟ କରାଯାଇଛି। ଏହି ନିଉଟ୍ରାଲ ବିଦ୍ୟାଳୟ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ସରିବା ପରେ ପ୍ରତିଦିନ ପରୀକ୍ଷା ଖାତା ନିଉଟ୍ରାଲ ବିଦ୍ୟାଳୟରେ ଜମା ହେବ। ସମସ୍ତ ପରୀକ୍ଷା ସରିବା ପରେ ପରୀକ୍ଷା ଖାତା ଏହି ନିଉଟ୍ରାଲ ବିଦ୍ୟାଳୟରେ ମୂଲ୍ୟାୟନ ହେବ। ସେହିପରି ବ୍ଲକରେ ମୋଟ ୧୨ଟି ମେଣ୍ଟର୍ ବିଦ୍ୟାଳୟ ଚିହ୍ନଟ କରାଯାଇଛି। ଯେଉଁଠାରେ ସମସ୍ତ ବିଦ୍ୟାଳୟର ପରୀକ୍ଷା ଫଳ ଅପଲୋଡ୍ କରାଯିବ। ଚଳିତ ବର୍ଷ ବେତନଟୀ ବ୍ଲକରେ ୩୬ଟି ଉଚ୍ଚ ବିଦ୍ୟାଳୟର ମୋଟ ୨୦୧୬ ଛାତ୍ରୀଛାତ୍ର ଓ ଗୋଟିଏ ସଂସ୍କୃତ ଟୋଲର ୪୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ଜିଲାରେ ମୋଟ ୩୪୫୧୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି।

## ଗୋଣ୍ଡ ସାଂସ୍କୃତିକ ସମାଜର ବାର୍ଷିକ ସମ୍ମିଳନୀ

**କେନ୍ଦୁଝର,୨୫।୧୦(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଗୋଣ୍ଡ ସାଂସ୍କୃତିକ ସମାଜ ଚକ୍ରଧରପଲ୍ଲୀର ବାର୍ଷିକ ସମ୍ମିଳନୀ ବିନିଦାଠାରେ ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀର ସଭାପତି ତ୍ରିଲୋଚନ ନାୟକଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ଘନଶ୍ୟାମ ନାୟକ ସଭା ପରିଚାଳନା କରିଥିଲେ। ଏହି ଅବସରରେ 'ସମାଜ କେମିତି ଆଗକୁ ବଢ଼ିବ' ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା କମିଟିର ଜିଲା ସଭାପତି ଜନାର୍ଦ୍ଦନ ନାୟକ, ଉପଦେଷ୍ଟା କମିଟିର ସଦସ୍ୟ ପ୍ରାଣବଲ୍ଲଭ ନାୟକ, ଯୁଧିଷ୍ଠିର ସିଂହ, ରମେଶ ଚନ୍ଦ୍ର ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ଗିରିଧାରୀ ନାୟକ, ଚକ୍ରଧର ନାୟକ ଏବଂ ବିନିଦା, ଚକ୍ରଧରପୁର, ଧରାପଡ଼ା, ଦେଙ୍ଗଣା, ପୁରୁମୁଣ୍ଡା, ନୂଆଗାଁ ପ୍ରଭୃତି ଗାଁର ଓ ୧୮ଟି ପଲ୍ଲୀର ସଭାପତି, ସମ୍ପାଦକ, ଜାତି ପ୍ରେମୀ ଯୋଗଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି କଳା, ସମାଜସେବା କ୍ଷେତ୍ରରେ ପଲ୍ଲୀର ଉତ୍ତମ କାର୍ଯ୍ୟ କରିଥିବା ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲା ଅବସରପ୍ରାପ୍ତ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ଜରୁରୀ ବୈଠକ

**ବାଲେଶ୍ୱର ଅଫିସ, ୨୫।୧୦**

ବାଲେଶ୍ୱର ଜିଲା ଅବସରପ୍ରାପ୍ତ ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କ ଏକ ଜରୁରୀ ବୈଠକ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ମହେନ୍ଦ୍ର ପଣ୍ଡାଙ୍କ ଆହ୍ୱାନକ୍ରମେ ଭାରତ ଲାକ୍ରା ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ବହୁ ଦାବିଗୁଡ଼ିକ ମଧ୍ୟରୁ ୫ମ ବେତନ କମିଶନର ଦରମା ଅସଙ୍ଗତି ରାଜସ୍ୱ ପରିଦର୍ଶକ, ରାଜସ୍ୱ ନୀରିକ୍ଷକ, ସହ-ରାଜସ୍ୱ ନୀରିକ୍ଷକମାନଙ୍କର ୧।୧।୨୦୦୬ ପରିବର୍ତ୍ତେ ୨।୩।୨୦୦୯ଠାରୁ ଲାଗୁ କରାଯିବା ଏବଂ ଏହା ଦୂର କରିବା ପାଇଁ ବାରମ୍ବାର ସରକାରଙ୍କଠାରେ ଉପସ୍ଥାପନ କଲେ ମଧ୍ୟ ସରକାର ଏହାକୁ କର୍ଣ୍ଣପାତ କରୁ ନ ଥିବା ଏବଂ ଆର୍ଥିକ ସମସ୍ୟାରେ ସମ୍ମୁଖୀନ ହେବା ନେଇ ସଭାରେ ଉପସ୍ଥିତ ସଭ୍ୟବୃନ୍ଦ କ୍ଷୋଭ ପ୍ରକାଶ କରିଥିଲେ। ଅସଙ୍ଗତି ଦୂର କରିବା ପାଇଁ ସରକାରଙ୍କଠାରେ ପୁନର୍ବାର ଦାବି ଉପସ୍ଥାପନ କରିଥିଲେ। ଏହି ଦାବି ଯଥାର୍ଥ ବୋଲି କୋର୍ଟ ଅଫ୍ ରେଭିନ୍ୟୁ, ରାଜସ୍ୱ ବିଭାଗ, ମୁଖ୍ୟମନ୍ତ୍ରୀଙ୍କ ଆବେଗ ଥିବା ଏବଂ ତାହା ଗେଜେଟ୍‌ରେ ପ୍ରକାଶ ପାଇଥିଲେ ମଧ୍ୟ ଅର୍ଥ ବିଭାଗର ଅବହେଳା ପାଇଁ ବେତନ ବୃଦ୍ଧିରେ ଅସଙ୍ଗତି ହୋଇଛି ବୋଲି ସଭାରେ ମତବ୍ୟକ୍ତ ହୋଇଥିଲା।

## ସ୍ଥାୟୀ ମନ୍ଦିରରେ ପୂଜାପାଇଲେ ଦକ୍ଷିଣେଶ୍ୱରୀ କାଳୀ

**ବାସୁଦେବପୁର,୨୫।୧୦ (ଡି.ଏନ.ଏ.)**



ଭଦ୍ରକ ଜିଲା ବାସୁଦେବପୁରର ବାଲିନଗର ତାରିଣୀଛକଠାରେ ବସ୍‌ଷ୍ଟାଣ୍ଡ କାଳୀପୂଜା କମିଟି ପକ୍ଷରୁ ଦକ୍ଷିଣେଶ୍ୱରୀ କାଳୀମନ୍ଦିର ସହ ପଥରକାଳୀଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଏଥିନିମନ୍ତେ ୪ ଦିନ ବ୍ୟାପୀ ପୂଜାର୍ଚ୍ଚନା ଓ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାସୁଦେବପୁରରେ ଏହା ପ୍ରଥମ ପଥରକାଳୀ ବିଗ୍ରହ ହୋଇଥିବାବେଳେ ଉତ୍ସବରେ ମୁଖ୍ୟ ପୂଜକ ଭାବେ ସାଧକ ପୀତାମ୍ବର ଦାଶ ସହକର୍ମୀ ପୂଜକଙ୍କୁ ନେଇ ଦାୟିତ୍ୱ ସମ୍ପାଦନ କରିଥିଲେ। କଳସ ଶୋଭାଯାତ୍ରା, ଯଜ୍ଞ, ଚଣ୍ଡୀପାଠ, ବିଗ୍ରହନ୍ୟାସ, ପୂର୍ଣ୍ଣାହୁତି, ମନ୍ଦିର ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ବିଧିପୂର୍ବକ ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମଣ୍ଡପରେ ପୂଜା ପାଉଥିବା ବେଳେ ଚଳିତବର୍ଷ ମା' ଦକ୍ଷିଣେଶ୍ୱରୀ କାଳୀ ସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି। ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ଦେବସ୍ୱରୂପ ଧନୀ ଓ ତାଙ୍କ ସହଧର୍ମିଣୀ ଭାଗ୍ୟଶ୍ରୀ ଧନୀ ଦାୟିତ୍ୱ ତୁଲାଇଥିଲେ। ସୋମବାର ରାତି ୯ଟାଠାରୁ ବିଧିପୂର୍ବକ ପୂଜା ଆରମ୍ଭ ହୋଇ ବିଳମ୍ବିତ ରାତିରେ ଶେଷ ହୋଇଥିଲା। ଚଳିତବର୍ଷ ଏହି ପୂଜା ମଣ୍ଡପରେ ରାମାୟଣ ଉପାଖ୍ୟାନ, ସୀତାହରଣ, ଅଶୋକବନରେ ସୀତା ଓ ହନୁମାନଙ୍କ ଭେଟ ଚିତ୍ରକଳ୍ପ ସ୍ଥାନ ପାଇଛି।

୧୯୯୭ରେ ପ୍ରଥମେ ବସ୍‌ଷ୍ଟାଣ୍ଡ କାଳୀପୂଜା ଆରମ୍ଭ ହୋଇଥିଲା। ୨୫ ବର୍ଷ ପରେ ସ୍ଥାୟୀ ମନ୍ଦିର ଓ ପଥର ମୂର୍ତ୍ତି ପ୍ରତିଷ୍ଠା ହୋଇଛି। କମିଟି ସଭାପତି ମଦନ ମହାକୁଡ଼, ସମ୍ପାଦକ ଲମ୍ବୋଧର ପରିଡ଼ାଙ୍କ ସମେତ ଉତ୍ତମ ବାରିକ, ଶଶୀଭୂଷଣ ବାରିକ, ସୁବାସ ଚନ୍ଦ୍ର ବାରିକ, ଉମାକାନ୍ତ ଡାଙ୍ଗୁଆ, ମଣିକାନ୍ତ ଦାସ, ଶରତ ବାରିକ, ଗଗନ ବାରିକ, ରଶ୍ମିରଞ୍ଜନ ପାଣିଗ୍ରାହୀ, ପ୍ରଶାନ୍ତ ମଲିକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ୧୦ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୨୫।୧୦ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷ ମାଟ୍ରିକ୍‌ରେ କୃତିତ୍ୱ ହାସଲ କରିଥିବା ୧୦ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମା' ବୁଢ଼ୀଜାଗୁଳାଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ବଦ୍ରିନାରାୟଣ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃପାସିନ୍ଧୁ ପତି, ନିମନ୍ତ୍ରିତ ଅତିଥି ଆଇନଜୀବୀ ରାଧାକାନ୍ତ ମହାପାତ୍ର ଓ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ହରେକୃଷ୍ଣ ନାୟକ ଯୋଗଦେଇ କୃତୀ ବିଦ୍ୟାର୍ଥୀମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ନେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ କୃତୀ ୧୦ ବିଦ୍ୟାର୍ଥୀଙ୍କୁ ପାଠ୍ୟ ଉପକରଣ ସହ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଚନ୍ଦ୍ର ଦଳେଇ, ଅରୁଣ କୁମାର ବେହୁରିଆ, ଶରତ ଚନ୍ଦ୍ର ମଲିକଙ୍କ ସମେତ ବହୁ ଅଭିଭାବକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ ଲିପ୍ସା


@ କ୍ରିଶ


@ ପ୍ରଦୀପ


@ ଅର୍ପିତା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

